# Akashvani, Sambalpur

## SAMBALPURI NEWS EVENING BULLETIN

## 12 June 2025- 7.02 pm- 7.12 pm.

*********************************************

୧- ଅହମଦାବାଦ୍ ନ ଦୁର୍ଘଟଣାଗସ୍ତ ଏୟାର୍ ଇଣ୍ଡିଆ ବିମାନ୍‌ର ଉଦ୍ଧାର୍ କାମ୍ ଜାରି ।

- ଥିତିର୍ ଅନୁଧ୍ୟାନ୍ କର୍‌ବାର୍ ଲାଗି ଅହମଦାବାଦ୍ ପହଁଚିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

୨- ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍‌ପୂର୍ତି ଅବ୍‌ସରେ ରାଜ୍ୟସ୍ତରୀୟ ବିକାଶ୍ ବାହନ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ସମ୍ବଲ୍‌ପୁର୍ ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ହେଇପାରେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ।

ବିମାନ୍ ଦୁର୍ଘଟଣା          ଏନ୍‌ଏସ୍‌ଡି

ଗୁଜରାଟ୍‌ନୁ ଲଣ୍ଡନ୍ ଯାଉଥିବା ଏୟାର୍ ଇଣ୍ଡିଆର୍ ବିମାନ୍ ଏଆଇ-୧୭୧ ଅହମ୍ମଦାବାଦ୍ ବିମାନ ବନ୍ଦର୍ ପାଖେ ଦୁର୍ଘଟଣାଗ୍ରସ୍ତ ହେଇଛେ । ବେସାମରିକ ବିମାନ୍ ଚଲାଚଲ୍ ମହାନିର୍ଦ୍ଦେଶକଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ମଏଧାନେ ଅହମଦାବାଦ୍ ବିମାନ୍ ବନ୍ଦର୍‌ନୁ ଏ ଆଇ - ୧୭୧ ବିମାନ୍ ଯାତ୍ରା ମୁଲ୍ କର୍‌ବାର୍ କିଛି ସମିଆ ଉତ୍‌ରୁ ଜନବସତି ଇଲାକା ନ ଦୁର୍ଘଟଣାଗ୍ରସ୍ତ ହେଇଥିଲା । ବିମାନ୍‌ଥି ୨ ଝନ୍ ପାଇଲଟ୍, ୧୦ ଝନ୍ କେବିନ୍ ସଦସ୍ୟଙ୍କର୍ ସହେତେ ୨୪୨ ଝନ୍ ଯାତ୍ରା କରୁଥିଲେ । ଘଟ୍‌ନା ସ୍ଥଲେ ସି ଆଇ ଏସ୍ ଏଫ୍, ଏନ୍ ଡି ଆର୍ ଏଫ୍ ଆଉ ଅଗ୍ନିଶମ ବାହିନୀ ପୁହୁଁଚିକରି ଉଦ୍ଧାର୍ କାମ୍ ଚଲେଇଛନ୍ । ଦୁର୍ଘଟ୍‌ନାଥି ମୃତାହତ୍‌ଙ୍କର୍ ସଂଖ୍ୟା ଇଛେନ୍‌ତକ୍ ଜନା ନୁହେ ପଡ଼େ । ଅଏତ୍‌କା ସୂଚ୍‌ନାର୍ ଲାଗି ଏୟାର୍ ଇଣ୍ଡିଆ ତର୍‌ଫୁ ଜରୁରୀକାଲୀନ ନମ୍ବର୍ ୧୮୦୦-୫୬୯୧-୪୪୪ ଜାରି କରାଯାଇଛେ ।

ବିମାନ ଦୁର୍ଘଟଣାକେ ନେଇକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ-

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଉ ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ ରାମ୍‌ମୋହନ୍ ନାଇଡୁଙ୍କର୍ ସାଙ୍ଗେ କଥା ହେଇଛନ୍ । ଦୁର୍ଘଟଣାଥି ପ୍ରଭାବିତ୍ ଲୁକ୍‌କୁ ତୁର୍‌ତି ଚିକିତ୍ସା ସୁବିଧା ଆଉ ସାହାଜ୍ ଯୁଗେଇ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ ଗୁଜୁରାଟ୍ ମୁଖ୍ୟମନ୍ତ୍ରୀ ଆଉ ଗୃହମନ୍ତ୍ରୀଙ୍କର୍ ସାଙ୍ଗେ ଭିଲ୍ କଥା ହେଇଛନ୍ । ତାର୍

ଉତ୍ରୁ ଥିତି ଅନୁଧାନ୍ କର୍ବାର୍ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଅହମଦାବାଦ୍ ପୁହୁଁଚିଛନ୍ ।

ରାଜ୍ୟସ୍ତରୀୟ ବିକାଶ୍ ବାହନ ଶୁଭାରମ୍ଭ        I&PR

ଭୁବ୍ନେଶ୍ୱର୍ ମହାତ୍ମାଗାନ୍ଧୀ ମାର୍ଗ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟସ୍ତରୀୟ ବିକାଶ୍ ବାହନର୍ ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସର୍କାର୍ଙ୍କର୍ ବଛର୍କର୍ ଶାସନ୍ର ଉପଲବ୍ଧି ବାବ୍ଦେ ରାଜ୍ୟବାସୀଙ୍କୁ ଜନେଇଛନ୍ । ବିକାଶ୍ ବାହନ ରଥ ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍, ଶହେ ୧୫ ଟା ବିଜ୍ଞପିତ୍ ପରିଷଦ୍ ଅଂଚଲ୍ ଆଉ ୫ ଟା ମହାନଗର୍ ନିଗମ୍ ଅଂଚଲ୍କେ ବୁଲିକରି ସର୍କାର୍ଙ୍କର୍ ତର୍ଫୁ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍ନା ମାନ୍କର୍ ବାବ୍ଦେ ଲୁକ୍କୁ ଜନାବା । ଆଝିରର୍ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଧାୟକ୍ ବାବୁ ସିଂ, ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଆଉ ଅଲ୍ଗା ମାନେ ଉପସ୍ଥିତ୍ ଥିଲେ ।

ଭୁବନେଶ୍ୱର୍- ଆବୁଧାବି ବିମାନ୍ସେବା   I&PR

ଭୁବ୍‌ନେଶ୍ୱର୍ ନୁ ଆଏଜ୍ ଆବୁଧାବିକେ ସିଧାସଲଖ୍ ବିମାନ୍‌ସେବା ମୁଲ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ଠାନେ ଇ ବିମାନ୍ ଚଲାଚଲ୍‌ର ଶୁଭାରମ୍ଭ କରିଛନ୍ । ଆବୁଧାବିକେ ବିମାନ୍ ଚଲାବାର୍ ଲାଗି ବହୁତ୍ ଦିନୁ ଦାବି ହଉଥିଲା । ଇ ବିମାନ୍ ସେବା ଓଡ଼ିଶାକେ ମଧ୍ୟପ୍ରାଚ୍ୟ ଦେଶ୍‌ମାନ୍‌କର୍ ସଙ୍ଗେ ଆକାଶ୍‌ମାର୍ଗଥି ଜୁଡ଼୍‌ବା । ଇଥିର୍‌ଲାଗି ରାଜ୍ୟର୍ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ହେବାର୍ ସହେତେ ପୁଞ୍ଜିନିବେଶ୍ ଆଉ ବାଣିଜ୍ୟ କ୍ଷେତ୍ରର୍ ଭିଲ୍ ତୁର୍‌ତି ବିକାଶ୍ ହେବା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଇଣ୍ଡିଗୋ ଏୟାର୍ ଲାଇନ୍ସ ତର୍‌ଫୁ ମୁଲ୍ ହେଇଥିବା ବିମାନ୍ ସେବା ତିଁ’ ହପ୍ତା ବୁଧବାର୍, ଶୁକ୍ରବାର୍ ଆଉ ରଏବାର୍ ଦିନ ଚଲାଚଲ୍ କର୍‌ବା ।

ଅଲାର୍‌ନାଥ୍ ଦର୍ଶନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଜିଲ୍ଲା ବ୍ରହ୍ମଗିରି ନ ଆଏଜ୍‌ଠାନୁ ଅଲାର୍‌ନାଥ୍‌ଙ୍କର୍ ଦର୍ଶନ୍ ମୁଲ୍ ହେଇଛେ । ଆଏବା ୧୫ ଦିନ୍‌ତକ୍ ଦର୍ଶନ୍ ଚାଲ୍‌ବା । ଭକ୍ତମାନେ ମାହାପୁରୁଙ୍କର୍ ଖୀରି ଭୋଗ ପାଇକରି ଖୁସି

ହେଇଛନ୍ । ଗଲାକାଏଲ୍ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବ୍ସରେ ଶହେ ୮ ଗରିଆ ସୁବାଶିତ୍ ଜଲ୍ଥି ସ୍ନାନ କର୍ବାର୍ ଉତ୍ରୁ ମାହପୁରୁମାନେ ଜରେ ପଡ଼ିଛନ୍ । ଆଏଜ୍ଠାନୁ ଅଣସର ପିଣ୍ଡି ନ ମାହାପୁରୁମାନ୍କର୍ ଗୁପ୍ତ ସେବା ମୁଲ୍ ହେଇଛେ । ସେଥିର୍ଲାଗି ଶ୍ରୀମନ୍ଦିର୍ ନ ଇହାଦେ ମାହାପୁରୁମାନ୍କର୍ ଦର୍ଶନ୍ ନାଇଁ ମିଲେ ।

ଯାଜ୍ପୁର୍ - ଝାଡ଼ାବାନ୍ତି ଯାଜ୍ପୁର୍ ସମ୍ବାଦଦାତା

ଯାଜ୍ପୁର୍ ଜିଲ୍ଲା ନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କର୍ ସଂଖ୍ୟା ୬ ଶହ କେ ବଢ଼ିଛେ । ଝାଡ଼ାବାନ୍ତିଥି ଆଏଜ୍ ୨ ଝନ୍ ମହିଲାଙ୍କର୍ ଜୀବନ୍ ଯିବାର୍ ସହେତେ ମୃତ୍ୟୁ ସଂଖ୍ୟା ୪ କେ ପୁହୁଁଚିଛେ । ଯାଜ୍ପୁର୍, ଦାନଗଦି, ସୁକିନ୍ଦା, କୋରେଇ, ଧର୍ମଶାଳା, ବ୍ୟାସନଗର୍ ଇଲାକା ନ ଆକ୍ରାନ୍ତମାନ୍କୁ ଜିଲ୍ଲା ମୁଖ୍ୟ ଡାକ୍ତର୍ଖାନା ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଡାକ୍ତର୍ଖାନାମାନ୍କେ ଭର୍ତି କରାଯାଇଛେ । କଟକ୍ ଏସ୍ସିବି ଡାକ୍ତର୍ଖାନା ନ ଭିଲ୍ ୩୦ ଝନ୍ ଆକ୍ରାନ୍ତଙ୍କୁ ଭର୍ତି କରାଯାଇଛେ । ଡାକ୍ତରୀ ଦଲ୍ ଝାଡ଼ାବାନ୍ତି ଇଲାକାକେ ଯାଇକରି ସ୍ଥିତି ଅନୁଧ୍ୟାନ୍ କରିଛନ୍ ।

ଉପମୁଖ୍ୟମନ୍ତ୍ରୀ- ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଦିନ୍କିଆ ସମ୍ବଲ୍ପୁର୍ ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ପହେଲା ମା ସମଲେଇଙ୍କର୍ ଦର୍ଶନ୍ କରିକରି ମନ୍ଦିର୍ ପାଖେ ବିକାଶ୍ ବାହନ୍ର ଶୁଭାରମ୍ଭ କରିଛନ୍ । ଜିଲ୍ଲାର୍ ଭିନ୍ ଭିନ୍ ଗାଁକେ ଇ ବିକାଶ୍ ବାହନ୍ ଯାଇକରି ସର୍କାର୍ଙ୍କର୍ ଜନକଲ୍ୟାଣ୍କାରୀ ଯୋଜ୍ନା ମାନ୍କର୍ ବାବ୍ଦେ ଲୁକ୍କୁ ସଚେତନ୍ କର୍ବା ଆଉ ସର୍କାର୍ ଆଉ ଲୁକ୍କର୍ ଭିତ୍ରେ ଦୂରତା କମ୍ କର୍ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଜିଲ୍ଲା ନ ବିକାଶ୍ ମେଳାର୍ ଉଦ୍ଘାଟନ୍ କରିଛନ୍ । ଇତାର୍ସହେତେ ଘର୍ ଘର୍ ଯାଇକରି ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍ନାଥି ହିତାଧିକାରୀମାନ୍କୁ ସ୍ୱାସ୍ଥ୍ୟକାର୍ଡ଼ ବାଂଟିଛନ୍ । ତାର୍ ଆଘୋନୁ ଶ୍ରୀମତୀ ପରିଡ଼ା ସହରେ ବୁଦ୍ଧିଜୀବୀ ସମାବେଶ୍ଥି ଯୋଗ୍ ଦେବାର୍ ସହେତେ ସାମ୍ବାଦିକ୍ ସମ୍ମିଲନୀ ଜରିଏ ରାଜ୍ୟ ସର୍କାର୍ଙ୍କର୍ ଗୁଟେ ବଛର୍ ଶାସନ୍ର ଉପଲବ୍ଧି ବାବ୍ଦେ କହିଛନ୍ ।

ଜିଲ୍ଲାସ୍ତରୀୟ ବିକାଶ୍ ମେଳା ନୂଆପଡ଼ା/ ଝାର୍ସୁଗୁଡ଼ା/ ବର୍ଗଡ଼୍/ ବୌଦ୍ଧ/ ସୁବର୍ଣ୍ଣପୁର୍ ସମ୍ବାଦଦାତା

ରାଜ୍ୟ ସର୍କାର୍ଙ୍କର୍ ବଛ୍ରେ ପୂର୍ତି ଅବ୍ସରେ ନୂଆପଡ଼ା ମିନି ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଳା-୨୦୨୫ ମୁଲ୍ ହେଇଛେ । ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଇଥି ଯୋଗ୍ ଦେଇକରି ୨୦୩୬ ସମୃଦ୍ଧ ଓଡ଼ିଶା ଗଠନ୍ ଉପ୍ରେ କହିଥିଲେ । ଇ ଅବ୍ସରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍ଥି ଗଛ୍ ଜଗାବାର୍ ସହେତେ ଗ୍ରାମ୍ୟ ଆବାସ ଯୋଜ୍ନା ସଚେତନତା ରଥର୍ ଶୁଭାରମ୍ଭ କରିଛନ୍ । ୧୮ ତାରିଖ୍ତକ୍ ହେବାର୍କେ ଥିବା ମେଳାଥି ଭିନ୍ ଭିନ୍ ବିଭାଗ୍ର ଉନ୍ନୟନ୍ କାମ୍ ଆଧାରିତ୍ ୨୫ ଟା ପ୍ରଦର୍ଶନୀ ମଣ୍ଡପ୍ ଖୁଲାଯାଇଛେ ।

ଝାର୍ସୁଗୁଡ଼ା ଜିଲ୍ଲା ବିଟିଏମ୍ ପଡ଼ିଆ ଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଳା ଉଦ୍ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍କେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ବର୍ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର ତ୍ରିପାଠୀ ମିଲିତ୍

ଭାବେ ଉଦ୍‌ଘାଟନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ସବୁ ବିଭାଗ୍‌ର ଷ୍ଟଲ୍ ପ୍ରଦର୍ଶିତ୍ ହେଇଛେ ।

ବୌଦ୍ଧ ଜିଲ୍ଲା ନ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିକାଶ୍ ବାହନର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ବୌଦ୍ଧ ଟାଉନ୍ ହଲ୍ ଠାନେ ହେଇଥିବା ବିକଶିତ୍ ରାଜ୍ୟ ଆଉ ବିକଶିତ୍ ଜିଲ୍ଲା କର୍ମଶାଳାଥି ମନ୍ତ୍ରୀଙ୍କର୍ ସହେତେ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପଧାନ, କଂଟମାଲ୍ ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ ଯୋଗ୍ ଦେଇକରି ଆଲୋଚନା କରିଥିଲେ ।

ବର୍‌ଗଡ଼୍ ଜିଲ୍ଲାର୍ ସବୁ ବ୍ଲକ୍ ମୁଖ୍ୟାଳୟ ମାନ୍‌କେ ବିକାଶ୍ ବାହନ୍‌ର୍ ଶୁଭାରମ୍ଭ କରାଯାଇଛେ । ଇ ଅବ୍‌ସରେ ପାରମ୍ପରିକ୍ ଖାଦ୍ୟ ସହେତେ ଭିନ୍ ଭିନ୍ ବିଭାଗ୍‌ର ସଫଳତାକେ ନେଇକରି ପ୍ରଦର୍ଶନୀ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ରୟାଲ୍ ପଡ଼ିଆ ଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଳା ଉଦ୍‌ଘାଟିତ୍ ହେଇଛେ । ଜିଲ୍ଲାପାଳ୍ ଅନ୍ୟା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ସମାରୋହଥି ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା ଯୋଗ୍ ଦେଇକରି ମେଳା ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ଜଗ୍‌ଦଲା ରାଜ୍ୟର୍ ୧ ବଛର୍‌ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଉପଲବ୍ଧି ବାବ୍‌ଦେ ଲୁକ୍‌କୁ ଜନେଇଛନ୍ । ଇ ମେଳା ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା ।

ଯୁକ୍ତ ତିନ୍ ନାଁଲେଖା -ମେଧା ତାଲିକା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଯୁକ୍ତ ତିନ୍ ନାଁଲେଖା ଲାଗି ଆଏଜ୍ ପହେଲା ମେଧା ତାଲିକା ବାହାରିଛେ । ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ୍ ଲାଗି କଟଅଫ୍ ୯୨ ଦଶ୍‌ମିକ୍ ୮/ଶୂନ୍ ପ୍ରତିଶତ୍, ବାଣିଜ୍ୟଥି ୯୦ ଦଶ୍‌ମିକ୍ ୫ ପ୍ରତିଶତ୍, ବିଜେବି କଲେଜ୍ କମ୍ପ୍ୟୁଟର୍ ସାଇନ୍ସଥି ୮୮ ଦଶ୍‌ମିକ୍ ୮/୩ ପ୍ରତିଶତ୍, ଆଉ ଉତ୍କଳ ବିଶ୍ୱବିଦ୍ୟାଳୟ ଲ’ କଲେଜ୍ ନ ବି ଏ ଏଲ୍ ଏଲ୍ ବି ପାଠ୍ୟକ୍ରମ୍ ଲାଗି କଟଅଫ୍ ମାର୍କ ପ୍ରକାଶ୍ ପାଇଛେ । ବଛା ହେଇଥିବା ଛାତ୍ରଛାତ୍ରୀମାନେ ୧୭ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଆଏବା ୨୨ ତାରିଖ୍ ୨ ନମ୍ବର୍ ଖେପ୍ ମେଧା ତାଲିକା ପ୍ରକାଶ୍ ପାଏବା ।

ଶିଶୁ ଶ୍ରମିକ ନିରୋଧ୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିଶୁ ନିର୍ଯ୍ୟାତନା ରୁକ୍‌ବାର୍ ଆର୍ ଇତାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ସାରା ପୁର୍‌ଥି ନ ଆଏଜ୍ ଶିଶୁ ଶ୍ରମିକ ନିରୋଧ୍ ଦିବସ୍ ପାଳନ୍ କରାଯାଉଛେ । ଛୁଆମାନ୍‌କୁ

ତାଙ୍କର୍ ହକ୍ ଦେବାର୍ ସହେତେ ଭବିଷ୍ୟତ୍ ସୁନିଶ୍ଚିତ୍ କର୍‌ବାର୍ ଦିଗେ ଲୁକ୍‌କୁ ଜନାବାର୍ ଲାଗି ଫି' ବଛର୍ ଜୁନ୍ ୧୨ ତାରିଖ୍ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଶିଶୁ ଶ୍ରମିକ ନିରୋଧ୍ ଦିବସ୍‌ର ବାର୍ତା ହେଉଛେ 'ବିକାଶ୍ ଧାରିଜ୍ ହେଇଛେ, ମାତରକ୍ ଇତାକେ ତୁର୍‌ତି କର୍‌ବାର୍ ଲାଗି ପଦକ୍ଷେପ୍ ଦର୍‌କାର୍' । ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଶିଶୁମାନେ ଦେଶର୍ ଭବିଷ୍ୟତ୍ ଆଉ ବିକଶିତ୍ ଭାରତ୍‌ର ମୁଲ୍‌ଦୁଆ ବଲି କହିଛନ୍ । ଶିଶୁ ଶ୍ରମିକ୍ ପ୍ରଥାକେ ଶେଷ୍ କର୍‌ବାର୍ ସହେତେ ସେମାନ୍‌କର୍ ବିକାଶ୍ ଆଉ ଉଜ୍ଜ୍ୱଲ୍ ଭବିଷ୍ୟତ୍ ଲାଗି ଅନୁକୂଲ୍ ପରିବେଶ୍ ତିଆର୍ କର୍‌ବାର୍‌କେ ସମ୍‌କୁ ଶପଥ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ କରିଛନ୍ ।

ଶିଶୁ ଶ୍ରମିକ୍ ନିରୋଧୀ ଦିବସ-୧ ବର୍‌ଗଡ଼୍

ଶିଶୁ ଶ୍ରମିକ୍ ନିରୋଧୀ ଦିବସ୍ ଅବ୍‌ସରେ ଆଏଜ୍ ବର୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତର୍‌ଫୁ ଗୁଟେ ସଚେତନତା ରଥ ବାହାରିଛେ । ପ୍ରଭାଗ ଶ୍ରମ ଆୟୁକ୍ତ ମାନଭଞ୍ଜନ୍ ପ୍ରଧାନ୍ ଇ ରଥର୍ ଶୁଭାରମ୍ଭ କରିଛନ୍ ।

ସଚେତନତା ରଥ ଆଏବା ୨୬ ତାରିଖ୍‌ତକ୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକାକେ ଯାଇକରି ଶିଶୁ ଶ୍ରମିକ ପ୍ରଥା ଆଉ ଛୁଆମାନ୍‌କର୍ ହକ୍ ବାବ୍‌ଦେ ସଚେତନ୍ କର୍‌ବା ।

ନିର୍ବାଚନ ଅଧିକାରୀ ତାଲିମ୍ ବର୍‌ଗଡ଼୍ ସମ୍ବାଦଦାତା

ନୂଆଦିଲ୍ଲୀ ଠାନେ ମତଦାନ୍‌କେ ନେଇକରି ଚାଲିଥିବା ୨ ଦିନିଆ ତାଲିମ୍ ଶିବିର୍‌ଥି ବର୍‌ଗଡ଼୍ ଜିଲ୍ଲାର୍ ଅଧିକାରୀ ଆଉ ପର୍ଯ୍ୟବେକ୍ଷକ୍‌ମାନେ ଯୋଗ୍ ଦେଇଛନ୍ । ଶିବିର୍‌ଥି ବର୍‌ଗଡ଼୍ ଜିଲ୍ଲାର୍ ଭୋଟର୍ ପଞ୍ଜିକରଣ୍ ଅଧିକାରୀ ଆଉ ଉପ ଜିଲ୍ଲାପାଲ୍ ପ୍ରସନ୍ନ କୁମାର୍ ପାଣ୍ଡେ, ସହକାରୀ ଅଧିକାରୀ ଆଉ ବର୍‌ପାଲି ତହସିଲ୍‌ଦାର୍ ରକ୍ମଣ ମେହେର୍‌ଙ୍କର୍ ସହେତେ ଭିନ୍ ଭିନ୍ ବୁଥ୍‌ସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବର୍ଷା ହେଉଥିବାର୍‌ନୁ ତାତି ସାମଏନ୍ କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ

ବର୍ଷା ହେଇପାରେ । ଖୋର୍ଦ୍ଧା, ନୟାଗଡ଼୍, ଗଞ୍ଜାମ୍ ଆର୍ କନ୍ଧମାଲ୍ ଜିଲ୍ଲା ନ ଜବର୍ ଧୁକାଗର୍ଡ଼ି ଆଉ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାୟାଇଛେ ।